ଧରିତ୍ରୀ
DHARITRI
ମଙ୍ଗଳବାର, ୨୬ ଜୁଲାଇ, ୨୦୨୨



**ଚନ୍ଦାହାଣ୍ଡିରୁ ପୁଣି ୨ ପଜିଟିଭ**

ଚନ୍ଦାହାଣ୍ଡି,(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଧୋଡ଼ିପାଣି ଗ୍ରାମରୁ ସୋମବାର ପୁଣି ୨ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଦୀର୍ଘଦିନ ପରେ ଚନ୍ଦାହାଣ୍ଡି ରୁ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଅଞ୍ଚଳ ବାସି ଭୟଭୀତ ହୋଇଯାଇଛନ୍ତି। ସପ୍ତାହକ ମଧ୍ୟରେ ୫ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ପ୍ରଶାସନ ତରଫରୁ କୋଭିଡ କଟକଣାକୁ କଡାକଡି କରିବାକୁ ସାଧାରଣରେ ଦାବି ହୋଇଛି। ପୂର୍ବରୁ ତେନ୍ତୁଳିପଡା ଗ୍ରାମରୁ ୨ ଓ ଧୋଡିପାଣିରୁ ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ।

## ସଂକ୍ଷେପରେ

### ଜିଲାକୁ ଆସିବେ ୨୩ ଡାକ୍ତର

ନବରଙ୍ଗପୁର,୨୫।୭(ବି.ପ୍ର.)-ନବରଙ୍ଗପୁର ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ। ଡାକ୍ତର ଓ ବିଶେଷଜ୍ଞ ଡାକ୍ତର ଅଭାବ ନେଇ ଲୋକ ପ୍ରତିନିଧିଠାରୁ ଆରମ୍ଭ କରି ଜନସାଧାରଣ ଓ ବିରୋଧୀଦଳ ପକ୍ଷରୁ ଅଭିଯୋଗ ହୋଇ ଆସୁଥିଲା। ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ ପାଇଁ ଜିଲାପାଳ ଓ ସିଡିଏମ୍ଓ ସରକାରଙ୍କୁ ଚିଠି ମାଧମରେ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷ ଭାବରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ପହଞ୍ଚି ପାରୁ ନ ଥିଲା। ଏହାକୁ ଦୃଷ୍ଟିରେ ରଖି ସରକାର ନବରଙ୍ଗପୁର ଜିଲାକୁ ୨୩ ଜଣ ଡାକ୍ତର ନିଯୁକ୍ତି ଦେଇଛନ୍ତି। ଏକ ସପ୍ତାହ ମଧ୍ୟରେ ଜଏନ କରିବାକୁ ନିର୍ଦ୍ଦେଶ ରହିଛି। ସୋମବାର ଜିଲାରେ ୪ ଜଣ ଡାକ୍ତର ଜଏନ କରିଛନ୍ତି। ସପ୍ତାହେ ସମୟ ରହିଛି ୮ ନିଯୁକ୍ତି ପାଇଥିବା ଡାକ୍ତର ଆସି ଜଏନ କରିବେ ବୋଲି ସିଡିଏମ୍ଓ କାଳୀ ପ୍ରାସାଦ ବେହେରା କହିଛନ୍ତି।

### ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ ହେଲେ ବରିଷ୍ଠ ନେତା

ନବରଙ୍ଗପୁର, ୨୫।୭ (ବି.ପ୍ର.)- ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ରାଜୋଡା ପଞ୍ଚାୟତ ପୂର୍ବତନ ସରପଞ୍ଚ ମହେଶ୍ୱର ଭଣ୍ଡାରୀ, ବରିଷ୍ଠ ନେତା ହରିହର ଭଣ୍ଡାରୀ, ମହେଶ୍ୱର ବିଷୋଇ, ଲକ୍ଷ୍ମୀ ବିଷୋଇ, ଲଖମୁ ସମରଥ,ଆସ୍ଥା ହରିଜନଙ୍କୁ ଭାରତୀୟ ଜାତୀୟ କଂଗ୍ରେସ ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କୃତ କରିଛନ୍ତି ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ। ସେମାନଙ୍କ ନାମରେ ଦଳର ଅନୁଶାସନ ଭଙ୍ଗ, ଦଳୀୟ ଆଚରଣ ବିଧି ଉଲ୍ଲଂଘନ ଏବଂ ଗୁପ୍ତ ଭାବେ ବିଜେଡି ସହ ମିଶି ଦଳକୁ ଦୁର୍ବଳ କରିବା ଭଳି ଅଭିଯୋଗ ରହିଥିଲା। ସତ୍ୟାସତ୍ୟ ହସ୍ତଗତ ହେବା ପରେ ଦଳର ବରିଷ୍ଠ ନେତାଙ୍କ ସହ ଆଲୋଚନା କରି ଏହି ନିଷ୍ପତ୍ତି ନିଆଯାଇଛି ବୋଲି ୨୫ ଜୁଲାଇ ୨୦୨୨ ଦିନ ଚିଠି ନଂ- ୮/୨୨ ଜେ ଅନୁଯାୟୀ ଏକ ପ୍ରେସ୍ ନୋଟ ମାଧମରେ ଗଣମାଧମକୁ ଏହି ସୂଚନା ଦେଇଛନ୍ତି କଂଗ୍ରେସ ଜିଲା ସଭାପତି। ଏଥି ସହିତ ଏହାକୁ ଗ୍ରହଣ କରିବା ନିମନ୍ତେ ସବିଶେଷ ତଥ୍ୟ ସହ ପ୍ରଦେଶ କଂଗ୍ରେସ ସଭାପତିଙ୍କୁ ପ୍ରେରଣ କରାଯିବ ବୋଲି ଚିଠିରେ ଦର୍ଶାଇଛନ୍ତି।

### ଜଙ୍ଗଲରୁ ଗଛ କାଟି ୨ ଗିରଫ

ମୁନିଗୁଡ଼ା,୨୫।୭(ଡି.ଏନ୍.ଏ.)-ରାୟଗଡ଼ା ଜିଲା ମୁନିଗୁଡ଼ା ବନଖଣ୍ଡ ଅଧୀନ ବିଜାପୁର ଫରେଷ୍ଟ ବିଟ୍ ମଧ୍ୟରେ ଥିବା ଜଙ୍ଗଲରୁ ଗଛ କାଟିବା ସମୟରେ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଗୁଡାରି ବ୍ଲକ କଦମା ପଞ୍ଚାୟତ ମନ୍ଧାଲି ଗ୍ରାମର ସମୀର ଟ୍ରଟ୍ରକା(୨୩) ଏବଂ ଚନ୍ଦ୍ରପୁର ବ୍ଲକ ବିଜାପୁର ପଞ୍ଚାୟତ ଲାମ୍ଧର ଗ୍ରାମର ଲୋକଯାୟୀ ମୁଣ୍ଡାକା(୫୨)। ସୂଚନା ଅନୁଯାୟୀ, ମୁନିଗୁଡ଼ା ବନଖଣ୍ଡ ସ୍ୱତନ୍ତ୍ର ବନାଞ୍ଚଳ ଅଧିକାରୀ ଆର୍. କାଲାଇ ବାନାନ, ଚନ୍ଦ୍ରପୁର ବନପାଳ ଗୌତମ ପଣ୍ଡା ଓ ବନରକ୍ଷୀ ଜଗଦୀଶ ନାୟକ ସୋମବାର ଉକ୍ତ ବନାଞ୍ଚଳ ପରିଦର୍ଶନବେଳେ ବିଜାପୁର ଜଙ୍ଗଲ ମଧ୍ୟରେ ଦୁଇ ବ୍ୟକ୍ତି ୧୦ରୁ ଉର୍ଦ୍ଧ୍ୱ ଶାଳ, ବିଜା, କେନ୍ଦୁ ଓ ଅନ୍ୟ ଗଛ କାଟିସାରିବା ସହ ଆଉ ଗଛ କାଟୁଥିଲେ। ଏହା ଦେଖି ବନ ଅଧିକାରୀ ଓ କର୍ମଚାରୀମାନେ ଉଭୟଙ୍କୁ କାବୁ କରିଥିଲେ।



ଦୁଇ ଅଭିଯୁକ୍ତଙ୍କ ବିରୋଧରେ ୧୮୯୨/୧୧୫୬ ରେ ମାମଲା ରୁଜୁ କରାଯିବା ସହ ବିଷମକଟକ କୋର୍ଟ ଚାଲାଣ କରାଯାଇଛି। ଗ୍ରାମବାସୀଙ୍କ କହିବା ହେଲା ପ୍ରତ୍ୟେକ ବର୍ଷ ଉକ୍ତ ଅଞ୍ଚଳରେ ସେମାନେ ପୋଡୁଚାଷ କରି ଆସୁଛନ୍ତି। ଏଥିପାଇଁ ସେମାନେ ଜଙ୍ଗଲରୁ ଗଛ କାଟି ସଫା କରୁଥିଲେ।

# ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା, ପ୍ରଶାସନ କରୁଛି ସଚେତନ

## ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ୩୬କୁ ବୃଦ୍ଧି




ଖଡ଼ିଆଗୁଡ଼ା ଗାଁରେ ନନ୍ଦାହାଣ୍ଡି ପରିମଳ ମିଶନ ପକ୍ଷରୁ ବ୍ଲିଚିଂ ପକାଯାଉଛି।

**ନନ୍ଦାହାଣ୍ଡି,୨୫।୭(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ପିତାକୁମୁଲିରୁ ସୋମବାର ପୁଣି ୨ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଖଡିଆଗୁଡ଼ାରେ ଥିବା ଡାକ୍ତରୀ ଟିମ୍ ସେଠାକୁ ଯାଇ ଆକ୍ରାନ୍ତଙ୍କ ଚିକିତ୍ସା କରିଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିରଥିବା ଜଣାପଡିଛି।

ଗତ ୨୧ ତାରିଖରୁ ନନ୍ଦାହାଣ୍ଡି ବ୍ଲକ ଖଡିଆଗୁଡ଼ା ଓ ପିତାକୁମୁଲି ଗାଁର ୩୪ଜଣ ଆକ୍ରାନ୍ତ ହୋଇଛନ୍ତି। ସୋମବାର ପୁଣି ୨ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଏବେ ଆକ୍ରାନ୍ତଙ୍କ ସଂଖ୍ୟା ଏବେ ୩୬ରେ ପହଞ୍ଚିଛି। ପୂର୍ବରୁ ଚିକିତ୍ସିତ ହେଉଥିବା ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ରହିଛି। ଡାକ୍ତରୀ ଦଳ ସେଠାରେ ରହି ଲୋକଙ୍କୁ ଚିକିତ୍ସା ଯୋଗାଉଛନ୍ତି। ନନ୍ଦାହାଣ୍ଡି ପରିମଳ ମିଶନ ପକ୍ଷରୁ ଅପରିଷ୍କାର ସ୍ଥାନ ଏବଂ ପାଣି ଜମୁଥିବା ସ୍ଥାନରେ ବ୍ଲିଚିଂ ପକାଯାଉଛି। ଗାଁରେ ଥିବା ପାଣି ଟାଙ୍କି ସବୁକୁ ସଫା କରାଯାଉଛି। ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହେବା ଯାଏ ଡାକ୍ତରୀ ଦଳ ରହି ଚିକିତ୍ସା କରିବେ ବୋଲି ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବିକାଶ ବାରିକ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଝାଡାବାନ୍ତିରେ ଗୁରୁତର ହୋଇ ୩ ଜଣ ନବରଙ୍ଗପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ସେମାନଙ୍କ ମଧ୍ୟରୁ ଜଣେ ସୁସ୍ଥ ହୋଇ ନିଜ ଘର ଖଡ଼ିଆଗୁଡ଼ାକୁ ଫେରିଛନ୍ତି। ଅନ୍ୟ ୨ଜଣ ଏବେବି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଏବେ ସ୍ଥିର ଅଛି।

## ବିଦ୍ୟାଳୟ, ଘରକୁ ଯାଇ କରାଯାଉଛି ସଚେତନତା

**ରାୟଗଡ଼ା ଅଫିସ,୨୫।୭**

**ଶିଶୁ କଲେରାରେ ଆକ୍ରାନ୍ତ ପରେ ପ୍ରଶାସନ ସତର୍କ**

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ କଲେରା କମୁନି। ଦୁଇ ଦିନ ହେଲା ୧୨ ବର୍ଷରୁ କମ୍ ବୟସର ପିଲାମାନେ ମଧ ଏଥିରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି। ଏହାକୁ ନେଇ ପ୍ରଶାସନ ଅଧିକ ସତର୍କ ହୋଇଛି। ସମସ୍ତ ଶିଶୁ ସୁସ୍ଥ ଥିଲେ ମଧ ଅଧିକ ଶିଶୁ ଯେପରି ଆକ୍ରାନ୍ତ ନ ହେବେ ସେ ନେଇ ପଦକ୍ଷେପ ନିଆଯାଇଛି।

ସ୍ୱାସ୍ଥ୍ୟକର୍ମୀ ମାନେ ବିଭିନ୍ନ ସ୍କୁଲ, ଆଶ୍ରମ ସ୍କୁଲ ଯାଇ ପିଲାଙ୍କୁ ସଚେତନ କରୁଛନ୍ତି। ଗାଁ ଗାଁ ବୁଲି ମଧ ସଚେତନ କରାଯାଉଛି। ସେହିପରି ଶିକ୍ଷକମାନେ ସ୍କୁଲରେ ପିଲାଙ୍କୁ ପାଣି ଫୁଟାଇ ପିଇବା, ହାତକୁ ନିୟମିତ ଧୋଇବା, ପରିଷ୍କାର ରହିବା ନିମନ୍ତେ ବୁଝାଉଛନ୍ତି। ମାଇକ୍ ଯୋଗେ ଗ୍ରାମବାସୀଙ୍କୁ ସଚେତନ କରାଯିବା ସହ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ବିଭିନ୍ନ ଗ୍ରାମକୁ ଯାଇ କଲେରା ଠାରୁ କିପରି ନିଜକୁ ସୁରକ୍ଷିତ ରଖିପାରିବେ ସେ ନେଇ ସଚେତନ କରିବା ସହ ହେଲୋଜିନ୍ ବଟିକା ପ୍ରଦାନ କରୁଛନ୍ତି। ରାପିଡ୍ ରେସ୍‌ପନ୍ସ ଟିମ୍ ଦ୍ୱାରା ଘରକୁ ଘର ସର୍ଭେ କରାଯାଉଛି। ଏ ପର୍ଯ୍ୟନ୍ତ ସରକାରୀ ଭାବେ ୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫୫ ଆକ୍ରାନ୍ତ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।



ଏକ ସ୍କୁଲରେ ଶିକ୍ଷକ ଛାତ୍ରୀମାନଙ୍କୁ ସଚେତନ କରୁଛନ୍ତି ।

## ଗ୍ରାମବାସୀଙ୍କୁ ସଚେତନ କରିବାକୁ ଜନ ପ୍ରତିନିଧିଙ୍କୁ ନିର୍ଦ୍ଦେଶ



ବୈଠକରେ ବିଡିଓ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ ଅନ୍ୟମାନେ।

**କଲେରାରୁ ସୁରକ୍ଷା ନେଇ ବିଷମକଟକ ବ୍ଲକ ପ୍ରଶାସନର ବୈଠକ**

ବିଷମକଟକ,୨୫।୭(ଡି.ଏନ୍.ଏ.)– ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଭୟାନକ ପରିସ୍ଥିତି ସୃଷ୍ଟି କରିଛି। ଅନ୍ୟ ବ୍ଲକକୁ ଯେପରି ଏହା ନ ବ୍ୟାପିବ ସେଥିପାଇଁ ପ୍ରଶାସନ ପକ୍ଷରୁ ସତର୍କତା ମୂଳକ ପଦକ୍ଷେପ ନିଆଯାଇଛି। ବିଷମକଟକ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଷମକଟକ ବିଡିଓ ଆଲବର୍ଟ ଲାକ୍ରାଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ଅଂଶୁପ୍ରଭା ଚୌଧୁରୀ, ସମିତି ଅଧକ୍ଷା ଯଶୋଦା ହୁଇକା, ସମିତି ଉପାଧକ୍ଷ ଦେବୀ ପ୍ରସାଦ ପଟ୍ଟନାୟକଙ୍କ ସମେତ ବିଷମକଟକ ବ୍ଲକର ୨୧ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏବଂ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ଗାଁରେ ଥିବା ସମସ୍ତ ନଳକୂପ ଏବଂ କୂଅରେ ବ୍ଲିଚିଂ ପାଉଡର ପକାଇବା, ପାଣିକୁ ଗରମ କରି ପିଇବା, ଗରମ ଏବଂ ସୁଷମ ଖାଦ୍ୟ ଖାଇବା, ହାତ ପରିଷ୍କାର ରଖିବା ନିମନ୍ତେ ଜନ ପ୍ରତିନିଧି ମାନେ ଗାଁ ଗାଁ ବୁଲି ସଚେତନ କରିବାକୁ କୁହାଯାଇଛି। କୌଣସି ଗ୍ରାମରେ ଲୋକଙ୍କ ଠାରେ ଝାଡ଼ାବାନ୍ତିର ଲକ୍ଷଣ ଦେଖାଦେଲେ ଶୀଘ୍ର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ଯୋଗାଯୋଗ କରି ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସରକାରଙ୍କ ସମସ୍ତ ସେବା କିପରି ଘରେ ପହଞ୍ଚିବ ସେ ନେଇ ମଧ ଜନ ପ୍ରତିନିଧି ମାନଙ୍କୁ ସଚେତନ କରାଯାଇଛି।

## ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ନବରଙ୍ଗପୁର ଛାତ୍ର ପ୍ରଥମ



ଅତିଥିମାନେ ଶାଶ୍ୱତଙ୍କୁ ପୁରସ୍କୃତ କରୁଛନ୍ତି।

**ନବରଙ୍ଗପୁର,୨୫।୭(ବି.ପ୍ର.)**

ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ନବରଙ୍ଗପୁର ଜିଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଡ଼ାବୁଗାଁ, ଦଶମ ଶ୍ରେଣୀର ଛାତ୍ର ଶାଶ୍ୱତ ସାମନ୍ତରାୟ ପ୍ରଥମ ହୋଇଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଅନୁଷ୍ଠିତ ଜିଲାସ୍ତରୀୟ ସାହିତ୍ୟ ସମ୍ପର୍କିତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ସେ ପ୍ରଥମ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଶାଶ୍ୱତଙ୍କ ସଫଳତା ପାଇଁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।



ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଖଣ୍ଡା ପଞ୍ଚାୟତର କାଦୁଅ ଜମିଥିବା ଏକ ରାସ୍ତା ଦେଇ ସୋମବାର ପିଲାମାନେ ସ୍କୁଲ ଯାଉଛନ୍ତି।

## ମାଁ ମାଣୀକେଶ୍ୱରୀ ସାହିତ୍ୟ ସଂସ୍କୃତି ଓ କଳା ପରିଷଦର ବାର୍ଷିକ ଉତ୍ସବ

ଗୁଡାରି,୨୫।୭(ଡି.ଏନ୍.ଏ.)– ରାୟଗଡ଼ା ଜିଲା ଗୁଡାରି ସହରର ମାଁ ମାଣୀକେଶ୍ୱରୀ ସାହିତ୍ୟ ସଂସ୍କୃତି ଓ କଳା ପରିଷଦର ପ୍ରଥମ ବାର୍ଷିକ ଉତ୍ସବ ରବିବର ପାଳିତ ହୋଇଯାଇଛି। ସ୍ଥାନୀୟ ପୁରୁଣା ପୋଷ୍ଟ ଅଫିସ ଛକ ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁଡାରି ତହସିଲଦାର ଭାରତୀ ଦେବୀ, ନିମନ୍ତ୍ରିତ ଅତିଥି ରୂପେ ରଘୁନାଥ ପାତ୍ର, ଦିବ୍ୟସିଂହ ମିଶ୍ର ଏବଂ କଳା ପରିଷଦର ନରସିଂହ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଗୁଡାରିରେ ଜନ୍ମ ହୋଇ ମାଟିର ସେବା କରିଥିବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଏଠାରେ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। ଗୁଡାରିର ବରପୁତ୍ର ଭାବେ ଦିବଂଗତ ନରସିଂହ ପାତ୍ରଙ୍କ ଉଦ୍ଦେଶ୍ୟରେ ତାଙ୍କ ପୁତ୍ର ରଘୁନାଥ ପାତ୍ରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା।



ସେହିପରି ବରିଷ୍ଠ ଶିକ୍ଷକ ରୂପେ ଅବସରପ୍ରାପ୍ତ ଶିକ୍ଷକ ତ୍ରିନାଥ ରଥ, ଭୂମିପୁତ୍ର ଭାବେ ସିଆର୍‌ପିଏଫ୍‌ରୁ ନିକଟରେ ଅସର ନେଇଥିବା ସୁଶାନ୍ତ ପାଣିଗ୍ରାହୀ, ବଣମଲ୍ଲୀ ଭାବେ ଗଙ୍ଗାଧର ପାଣିଗ୍ରାହୀ, ସାହିତ୍ୟ ସମ୍ମାନ ଭାବେ ନରସିଂହ ଶତପଥୀ, ନିଃସ୍ୱାର୍ଥ ସେବା ପାଇଁ ବିଭୁତି ନନ୍ଦଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ପରେ ମାଁ ମାଣିକେଶ୍ୱରୀ ସାହିତ୍ୟ ସଂସ୍କୃତି ଓ କଳା ପରିଷଦର ସଦସ୍ୟଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଳା ପରିଷଦର ସମ୍ପାଦକ ଗୋରୀଶଙ୍କର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରତାପ ବାଉରୀ ମଞ୍ଚ ପରିଚାଳନା କରିଥିଲେ।

## ପାଇନାହାନ୍ତି ଋଣ ଟଙ୍କା, ଫାଇନାନ୍ସ କମ୍ପାନୀ ମାଗିଲାଣି କିସ୍ତି

**ପାପଡ଼ାହାଣ୍ଡି, ୨୫।୭(ଡି.ଏନ୍.ଏ.)**

**ଠକାମିର ଶିକାର ହୋଇଛନ୍ତି ୧୬ ଆଦିବାସୀ**

ଋଣ ପାଇବା ନାଁ ରେ ଠକାମୀର ଶିକାର ହୋଇଛନ୍ତି ନିରୀହ ଆଦିବାସୀ। ଲୋକଙ୍କଠାରୁ ଆବଶ୍ୟକୀୟ ଦସ୍ତାବିଜ ନେଇ ସେମାନଙ୍କ ଋଣ ନ ଦେଇ ସେମାନଙ୍କ ଟଙ୍କା ହଡପ କରାଯାଇଛି। ଏ ନେଇ ଲୋକମାନେ ପାପଡାହାଣ୍ଡି ଥାନାର ଦ୍ୱାରସ୍ତ ହୋଇଛନ୍ତି। ଋଣ ଟଙ୍କା ଉଠାଇ ନ ଥିବା ବେଳେ ଫାଇନାନ୍ସ କମ୍ପାନୀ ମାଗୁଛି କିସ୍ତି। ଏପରି ଅଭିଯୋଗ କରିଛନ୍ତି ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସେମଳା ଗ୍ରାମର ୧୬ ଜଣ ନିରୀହ ଲୋକ।

ସୂଚନାନୁଯାୟୀ, ଗତ ମାର୍ଚ୍ଚରେ ସେମଳା ଗ୍ରାମକୁ ମୈଦଲପୁରର କୁନା ସୁନାରୀ ଆସି ଲୋକଙ୍କୁ ପାନକାର୍ଡ , ଆଧାରକାର୍ଡ, ମୋବାଇଲ ନଂ ଦେଲେ ୫୦ହଜାର ଟଙ୍କା ଲେଖାଏ ଋଣ ମିଳିବ ଏବଂ ମାସକୁ ମାସ କିସ୍ତି ଆକାରରେ ଟଙ୍କା ବାନ୍ଧିବ ବୋଲି କହିଥିଲେ। ଟଙ୍କା ପାଇବା ଆଶାରେ ସମସ୍ତେ ପାନକାର୍ଡ, ଆଧାରକାର୍ଡ ଏବଂ ମୋବାଇଲକୁ ଆସିଥିବା ଓଟିପି ତାଙ୍କୁ ଦେଇଥିଲେ। କିନ୍ତୁ କେହି ଟଙ୍କା ପାଇ ନ ଥିଲେ। ଏତେଦିନ ବିତିଯିବା ପରେ ରବିବାର ଏକ ଫାଇନାନ୍ସ କମ୍ପାନୀର ଜଣେ କର୍ମଚାରୀ ଆସି କିସ୍ତି ଦିଅ କହିବାରୁ ଡକ୍ୟୁମେଣ୍ଟ ଦେଇଥିବା ୧୬ ଜଣ ଲୋକ ହତବାକ ହୋଇଥିଲେ। ତା ପରେ ଡକ୍ୟୁମେଣ୍ଟ ଦେଇଥିବା କଥା ମନେ ପକାଇ ସେମାନେ କୁନାଙ୍କୁ ଯୋଗାଯୋଗ କରିଥିଲେ। ଏହାପରେ ଡକ୍ୟୁମେଣ୍ଟ ଦେଇଥିବା ଈଶ୍ୱର ମାଝି, ଚଇତୁ ପୂଜାରୀ, କୃଷ ମାଝି, ପଦ୍ମନ ମାଝି, କୁଶ ପୂଜାରୀ, ଲକ୍ଷ୍ମୀ ଦାସ, ବଳରାମ ଦାସ, ପୁରୁଷୋତ୍ତମ ଦାସ, ଭଗବାନ ଦାସ, ଚକ୍ର ଦାସ ପ୍ରମୁଖ କୁନାଙ୍କ ନାଁରେ ପାପଡାହାଣ୍ଡି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। କୁନା ସୁନାରୀଙ୍କୁ ଯୋଗାଯୋଗ କରିବାରୁ ମୁଁ ଲୋନ ଦେବାକୁ ଡକ୍ୟୁମେଣ୍ଟ ମାଗିଛି ତାହା ସତ। ଲୋକଙ୍କଠାରୁ ଡକ୍ୟୁମେଣ୍ଟ ନେଇ ଅନ୍ୟ ଜଣଙ୍କୁ ଦେଇଥିବା ସେ କହିଛନ୍ତି। ଟଙ୍କା କିଏ ଉଠାଇଛି ତାହା ମୁଁ ଜାଣି ପାରୁନାହିଁ। ମୁଁ ଯାହାକୁ ଡକ୍ୟୁମେଣ୍ଟ ଦେଇଛି ତାଙ୍କ ନାଁରେ ଥାନାରେ ଅଭିଯୋଗ କରିବି ବୋଲି କୁନା କହିଛନ୍ତି।

# ଗାଁରେ ପହଞ୍ଚିଲା ଡାକ୍ତରୀ ଦଳ

**ଝରିଗାଁ, ୨୫।୭(ସ୍ୱ.ପ୍ର)**

- ଭିତରକାରମରୀ ଗାଁରେ ଶତାଧିକ ଛେଳିଙ୍କ ମୃତ୍ୟୁ ଘଟଣା
- ଛେଳିଙ୍କୁ ଭାକ୍‌ସିନ୍, ରକ୍ତ ମଳ ନମୁନା ସଂଗ୍ରହ

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚକଲାପଦର ପଞ୍ଚାୟତ ଭିତରକରମରୀ ଗ୍ରାମରେ ଛେଳି ମଡ଼କ ଖବରପାଇ ଝରିଗାଁ ପ୍ରାଣୀ ଚିକିତ୍ସକ ସାରଦା ନାୟକ ଏବଂ ପ୍ରାଣୀଧନ ନିରୀକ୍ଷକ(ଏଲ୍ଆଇ) ଅନୀଲ କୁମାର ନାହକ ରବିବାର ଭିତରକରମରୀ ଗାଁରେ ପହଞ୍ଚି ୭୨ଟି ଛେଳିଙ୍କ ଚିକିତ୍ସା କରିଥିଲେ। ସୋମବାର ସକାଳେ ଭିତରକରମରୀ ଗ୍ରାମର ତିନୋଟି ପଡାକୁ ପ୍ରାଣୀ ବିଭାଗୀୟ ଡାକ୍ତର ଏବଂ କର୍ମଚାରୀ ପହଞ୍ଚି ଶତାଧିକ ଛେଳିଙ୍କୁ ଭାକ୍‌ସିନ୍ ଦେଇଛନ୍ତି। ଅପରାହ୍ନରେ ଜିଲା ପ୍ରାଣୀ ଚିକିତ୍ସକ ଡାକ୍ତର ରମେଶ ସାହୁ, ଉପଖଣ୍ଡ ପ୍ରାଣୀ ଚିକିତ୍ସକ ଡାକ୍ତର ରାଧେଶ୍ୟାମ ଲାଇକ, ବ୍ଲକ ପ୍ରାଣୀ ଚିକିତ୍ସକ ପ୍ରମୁଖ ପହଞ୍ଚି ସେଠାରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଗତ ୪ରୁ ୫ ଦିନ ମଧ୍ୟରେ ୧୫ଟି ଛେଳିଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ସାରଦା ପ୍ରକାଶ କରିଛନ୍ତି। ସେହିପରି ୧୫ଟି ଛେଳିର ରକ୍ତ ଏବଂ ୫ଟି ଛେଳିର ମଳ ନମୁନା ସଂଗ୍ରହ କରାଯାଇ ଲ୍ୟାବକୁ ପଠାଯାଇଛି। ସୂଚନାଯୋଗ୍ୟ ଯେ ଝରିଗାଁ ବ୍ଲକ ସଦର ଏବଂ ଧୋଡ୍ରାରେ ପ୍ରାଣୀ ଚିକିତ୍ସାଳୟ ରହିଛି। ସେହିପରି ବ୍ଲକର ୨୩ ପଞ୍ଚାୟତ ସକାଶେ ୮ଟି ପ୍ରାଣୀଧନ ସହାୟକ କେନ୍ଦ୍ର ରହିଛି। ପ୍ରତ୍ୟେକ ପ୍ରାଣୀଧନ ସହାୟକ କେନ୍ଦ୍ରରେ ଜଣେ ଲେଖାଏଁ ଏଲ୍ଆଇ ଏବଂ ସହଯୋଗୀ ରହିବା ଦରକାର। କିନ୍ତୁ ବାସ୍ତବରେ ଏହି ବ୍ଲକରେ କେବଳ ଜଣ ଏଲ୍ଆଇ ଅଛନ୍ତି। ଝରିଗାଁ ପ୍ରାଣୀ ଚିକିତ୍ସାଳୟରେ ୩ ଜଣଙ୍କ ବଦଳରେ ରହିଛନ୍ତି କେବଳ ଜଣେ ଡାକ୍ତର। ବ୍ଲକ ସଦର ମହକୁମାରେ ରହିଥିବା ଏହି ଚିକିତ୍ସାଳୟରେ ପିଅନ କିମ୍ବା ରାତ୍ରୀ ଜଗୁଆଳି ମଧ ନାହାନ୍ତି। ସେହିପରି ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟରେ ଡାକ୍ତର ଜଣେ ରହିଥିବା ବେଳେ ଏଲ୍ଆଇ, ସହଯୋଗୀ ଏବଂ ପିଅନ ନାହାନ୍ତି। ଝରିଗାଁ ବ୍ଲକରେ ଆବଶ୍ୟକ ଅନୁଯାଇ ପ୍ରାଣୀ ଚିକିତ୍ସକଙ୍କ ସହ ଆବଶ୍ୟକ ଏଲ୍ଆଇ ନଥିବା ହେତୁ ଚାଷୀ ମାନେ ଗାଈ, ଛେଳି ମେଣ୍ଢା ଚାଷ କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି।

## ୧୫ ଚାଷୀଙ୍କୁ ଜଙ୍ଗଲ ଜମି ପଟ୍ଟା, ୫୧ ସ୍କୁଲକୁ ଆରଓଆର୍ ପଟ୍ଟା ପ୍ରଦାନ

**ପଦ୍ମପୁର,୨୫।୭(ଡି.ଏନ୍.ଏ.)**

**ପଦ୍ମପୁର ବ୍ଲକରେ ଯୁଗ୍ମ ଜନଶୁଣାଣି**

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ପଦ୍ମପୁର ବ୍ଲକରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସ୍ୱଧା ଦେବ ସିଂ, ଏସ୍‌ପି ବିବେକାନନ୍ଦ ଶର୍ମା, ମୁଖ୍ୟ ଉନ୍ନୟନ ଅଧିକାରୀ ରବି ନାରାୟଣ ତ୍ରିପାଠୀ, ଗୁଣପୁର ଉପଜିଲାପାଳ ଲୋକନାଥ ଦଲାବେହେରା, ସିଡିଏମ୍ଓ ଡା. ଲାଲମୋହନ ରାଉତରାୟ, ସହକାରୀ ବନ ସଂରକ୍ଷକ ଆର୍. କାଲାଇ ବନନ, ପଦ୍ମପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ମଣିମାଳା ଶବର, ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲା ଯୋଗାଣ ଅଧିକାରୀ ରମାକାନ୍ତ ପାଣିଗ୍ରାହୀ, ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ଜଳଛାୟା ମିଶନ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, ଜିଲା ଜରୁରୀକାଳୀନ ଅଧିକାରୀ, ଡିଆଇପିଆର୍‌ଓ ବସନ୍ତ ପ୍ରଧାନ, ବିଡିଓ ରୀନା ପ୍ରଧାନ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ବ୍ଲକ ଯୋଗାଣ ଅଧିକାରୀ ପ୍ରଭାକର ମଲିକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।



ଜିଲାପାଳ, ଏସ୍‌ପି ଏବଂ ପଟ୍ଟା ପାଇଥିବା ସ୍କୁଲ କର୍ତ୍ତୃପକ୍ଷ ।

ମୋଟ ୭୧ ଅଭିଯୋଗ ଜିଲାପାଳଙ୍କ ନଜରକୁ ଆସିଥିଲା। ସେଥିମଧ୍ୟରୁ ୫୭ ବ୍ୟକ୍ତିଗତ ଏବଂ ୧୪ ଗ୍ରାମ ସମସ୍ୟା ରହିଥିଲା। ୨ଜଣକୁ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୧୦ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ୧୫ ଚାଷୀଙ୍କୁ ଜଙ୍ଗଲ ଜମି ପଟ୍ଟା ଏବଂ ୫୧ ବିଦ୍ୟାଳୟକୁ ଆରଓଆର୍ ପଟ୍ଟା ଜିଲାପାଳ ପ୍ରଦାନ କରିଥିଲେ। ଅଞ୍ଚଳବାସୀଙ୍କ ସମସ୍ୟା ଗୁଡ଼ିକର ଶୀଘ୍ର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଜିଲପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲାପାଳ ୫-ଟି ଅଧୀନ ସ୍ଥାନୀୟ ବିଜୟାନନ୍ଦ ହାଇସ୍କୁଲ ପରିଦର୍ଶନ କରିବା ସହ ଏସ୍ଏଚ୍‌ଜି ମହିଳାଙ୍କ ସହ ଆଲୋଚନା କରିଥିଲେ। ଗୋଷ୍ଠୀ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ୱାଲ ପେଣ୍ଟିଂ, ଖମାପଦର ଗାଁର ପୁନରୁଦ୍ଧାର ପୋଖରୀ, ଲଛମନଗୁଡ଼ା ଠାରେ ଚାଷୀ ଫାଲଗୁନି ଶବରଙ୍କ ଦ୍ୱାର କରାଯାଇଥିବା ମାଛଚାଷ, ପୋଖରୀ ଓ ଅନ୍ୟ ଚାଷ ବୁଲି ଦେଖିଥିଲେ। ଆଖୁସିଂ ଗ୍ରାମର ୫-ଟି ଅଧୀନ ବିଦ୍ୟାଳୟ ଏବଂ ଇନ୍ଦୁପୁର ଗ୍ରାମର ଅମୃତ ସରୋବର ପୋଖରୀ ପରିଦର୍ଶନ କରିଥିଲେ।

### କାଚ ବାଟି ଗିଳି ଡାକ୍ତରଖାନାରେ ନାବାଳକ

**ଉମରକୋଟ, ୨୫।୭(ସ୍ୱ.ପ୍ର.)**

କାଚ ବାଟି ଗିଳି ଦେଇ ଜଣେ ନାବାଳକ ଅସୁସ୍ଥ ଅଛନ୍ତି। ସେ ହେଲେ ନବରଙ୍ଗପୁର ଜିଲା ନେହୁରା ପଞ୍ଚାୟତ ଅଧୀନ ଧାର୍ଲି ମୁଣ୍ଡାଗୁଡ଼ା ଗ୍ରାମର ମିଟୁ ହରିଜନଙ୍କ ପୁଅ କ୍ରିଷ୍ଣା (୮) ।ସ୍କୁଲରୁ ଘରକୁ ଫେରିବା ପରେ ଅପରାହ୍ନରେ କ୍ରିଷ୍ଣା ସାଙ୍ଗମାନଙ୍କ ସହ ଘର ବାରଣ୍ଡାରେ ଖେଳୁଥିଲେ। ଏହି ସମୟରେ ଏକ କାଚ ବାଟି ସେ ଗିଳି ଦେଇଥିଲା। ସନ୍ଧ୍ୟା ୬.୩୦ରେ ତାଙ୍କୁ ଉମରକୋଟ ଡାକ୍ତରଖାନାକୁ ଅଣାଯାଇଛି। ଡାକ୍ତର ସନ୍ତୋଷ ପଣ୍ଡା ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବେ। ନାବାଳକଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଡାକ୍ତର ଶରତ ଚନ୍ଦ୍ର ସେଠୀ କହିଛନ୍ତି।

### ଡାବୁଗାଁରେ ନୂତନ ଥାନାଧିକାରୀ

**ଡାବୁଗାଁ, ୨୫।୭(ଡି.ଏନ୍.ଏ.)**



ଡାବୁଗାଁ ଥାନାରେ ନୂତନ ଥାନାଧିକାରୀ ପ୍ରମୋଦ କୁମାର ନାୟକ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ପୂର୍ବରୁ ଖାତିଗୁଡା ଥାନାଧିକାରୀଭାବେ କାର୍ଯ୍ୟ କରୁଥିଲେ। ଆଇନ ଶୃଙ୍ଖଳା ତଥା ପୋଲିସ ଓ ଜନତା ମଧ୍ୟରେ ସୌହାର୍ଦ୍ଧ୍ୟପୂର୍ଣ୍ଣ ସମ୍ପର୍କ ରଖି କାମ କରିବି ବୋଲି ସେ କହିଛନ୍ତି।

## ଲୋକଙ୍କ ସମସ୍ୟା ସମାଧାନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ



ଅତିଥିଙ୍କ ଗହଣରେ ସହାୟତା ପାଇଥିବା ହିତାଧିକାରୀ।

**କୋଷାଗୁମୁଡ଼ା/ନବରଙ୍ଗପୁର, ୨୫।୭(ଡି.ଏନ୍.ଏ. /ବି.ପ୍ର.)**

କୋଷାଗୁମୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭାଗୃହରେ ବ୍ଲକ ସ୍ତରୀୟ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୪୫ ଜଣଙ୍କର ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଥିଲା। ସେଥି ମଧ୍ୟରୁ ୧୪ଟି ଗୋଷ୍ଠୀ ଗତ ହୋଇଥିବା ବେଳେ ବଳକା ୩୧ଟି ବ୍ୟକ୍ତିଗତ ଆପତ୍ତି, ଅଭିଯୋଗ ଥିଲା। ସେଥିମଧ୍ୟରୁ ଜମିଜମା, ବାର୍ଦ୍ଧକ୍ୟ ଭତ୍ତା, ଶିକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ରାସ୍ତା ଘାଟ ନିର୍ମାଣ, ମରାମତି, ନିଯୁକ୍ତି, ପ୍ରଧାନମନ୍ତ୍ରୀ ଆବାସ, ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ, ବିଦ୍ୟୁତ୍ ବ୍ୟବସ୍ଥା, କୋଷାଗୁମୁଡ଼ାରେ ସ୍ମାର୍ଟ ବସଷ୍ଟାଣ୍ଡ ନିର୍ମାଣ, ଆର୍ଏମ୍‌ସି ଷ୍ଟଲ ନବୀକରଣ ସମ୍ବନ୍ଧୀୟ ଅଭିଯୋଗର ଶୁଣାଣି ହୋଇଥିଲା। ଲୋକଙ୍କ ଅଭିଯୋଗ ଜିଲାପାଳ ଡ଼ଃ କମଳ ଲୋଚନ ମିଶ୍ର ଶୁଣିବା ସହିତ ଏହାର ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଜିଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଉପସ୍ଥିତ ଥିବା ଦିବ୍ୟାଙ୍ଗ ମାନଙ୍କୁ ଆଶା ବାଡ଼ି, ଟ୍ରାଇ ସାଇକଲ, ହୁଇଲଥ ଚେୟାର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, କୋଡିଙ୍ଗା ତହସିଲଦାର ଶିବ ପ୍ରସାଦ ପଟ୍ଟନାୟକ, ପଞ୍ଚାୟତ ସମିତି ଅଧକ୍ଷା ସର୍ବେଶ୍ୱରୀ ମାଝି, ଉପାଧକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ବିଡିଓ ବିଶ୍ୱନାଥ ରାଉତଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେନ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନାଳରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ଜୟପୁର, ୨୫।୭ (ନି.ପ୍ର.)- ଜଣେ ନିଖୋଜ ଯୁବକଙ୍କ ମୃତଦେହ ସ୍ଥାନୀୟ ଅଞ୍ଚଳର ଏକ ନାଳରୁ ସୋମବାର ଉଦ୍ଧାର ହୋଇଛି। ମୃତକ ହେଉଛନ୍ତି ଡେରାଗୁଡାର କୁଶ କୁଶପାରିଆ। ଡେରାଗୁଡାର କୁଶ ନିଖୋଜ ଥିବା ନେଇ ତାଙ୍କ ଭାଇ ସୋମନାଥ ସଦର ଥାନାରେ ଅଭିଯୋଗ କରିଥିଲେ। କୁଶଙ୍କ ମୃତଦେହ ବାଗ୍ରାଗୁଡାର ଏକ ନାଳରୁ ଉଦ୍ଧାର କରିଛି। ସଦର ପୋଲିସ ମୃତଦେହ ଜବତ କରି ୨୮/୨୨ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଅରୁଣ ଭଞ୍ଜମିଶ୍ର ନେଲେ ସଭାପତି ଦାୟିତ୍ୱ



ଜୟପୁର, ୨୫।୭ (ନି.ପ୍ର.)- ଜୟପୁର ଅନୁବିଭାଗୀୟ ଗୃହ ବିଭାଗୀୟ ଗୃହ ନିର୍ମାଣ ସମବାୟ ସମିତି ଲିଃର ସଭାପତି ଭାବେ ଅରୁଣ କୁମାର ଭଞ୍ଜ ମିଶ୍ର ଦାୟିତ୍ୱ ନେଇଛନ୍ତି। ସଭାପତି ମିଶ୍ର ତୃତୀୟ ଥର ପାଇଁ ଏହି ଦାୟିତ୍ୱ ନେଇଛନ୍ତି। କାର୍ଯ୍ୟକ୍ରମରେ ସମିତି ସମ୍ପାଦକ ଅରୁଣ କୁମାର ପାଳ, ବରିଷ୍ଠ ନାଗରିକ ଅମର ଆହୁଜା, ଲୋକନାଥ ବେହେରାଙ୍କ ସମେତ ବୁଲୁ ମିଶ୍ର, ଚିତ୍ତ ରଞ୍ଜନ ପ୍ରଧାନ, ସୂର୍ଯ୍ୟ ନାରାୟଣ ସାହୁ, ଗୌରେଶ୍ୱରୀ ମିଶ୍ର, ଗୌର ଦାସ, ଅଜିତ ଦାସ, ପି.ରମେଶ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସମିତିର ପୂର୍ଣ୍ଣାଙ୍ଗ ବିକାଶ ଦିଗରେ ସେ କାର୍ଯ୍ୟ କରିବେ ବୋଲି ଭଞ୍ଜ ମିଶ୍ର ପ୍ରକାଶ କରିଛନ୍ତି।

### ଆର୍ଥିକ ପରିଚାଳନା ସମ୍ପର୍କିତ କର୍ମଶାଳା ଉଦ୍‌ଯାପିତ

କୋରାପୁଟ,୨୫।୭(ସ୍ୱ.ପ୍ର.)-କୋରାପୁଟସ୍ଥିତ କୋଟସ ସଭା ଗୃହରେ ଚାଲିଥିବା ଗ୍ରାମ ପଞ୍ଚାୟତ ଆର୍ଥିକ ପରିଚାଳନା ସମ୍ପର୍କିତ ଦୁଇଦିନିଆ କର୍ମଶାଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଦି ହଙ୍ଗର ପ୍ରୋଜେକ୍ଟ ଇଣ୍ଡିଆ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାରେ କୋରାପୁଟ ବ୍ଲକର ଉମରି, ଦେବୀଘାଟ, ବଡକେରେଙ୍ଗା, ମାନବାର ଆଦି ୪ଟି ପଞ୍ଚାୟତର ନିର୍ବାଚିତ ମହିଳା ୱାର୍ଡସଭ୍ୟା, ନାଏବ ସରପଞ୍ଚ ଓ ସରପଞ୍ଚମାନେ ଯୋଗ ଦେଇ ତାଲିମ ନେଇଥିଲେ। ଅବସରପ୍ରାପ୍ତ ପିଇଓ ରଣଜିତ ପଟ୍ଟନାୟକ ତାଲିମଦାତା ଭାବେ ଯୋଗ ଦେଇ ଆର୍ଥିକ ପରିଚାଳନା ପାଇଁ ସରକାରଙ୍କ ରହିଥିବା ବିଭିନ୍ନ ଗାଇଡଲାଇନ, ଆୟବ୍ୟୟ ହିସାବ, କ୍ୟାସବୁକରେ କିପରି ଲେଖାଯିବ ସେ ସମ୍ପର୍କରେ ତାଲିମ ଦେଇଥିଲେ।

### ବିଦ୍ୟାଳୟରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳିତ

ଜୟପୁର, ୨୫।୭ (ନି.ପ୍ର.)- ଜୟପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୀମାଞ୍ଚଳ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରଭାତ ରଥ, ଯଜ୍ଞେଶ୍ୱର ପଣ୍ଡା, ବିଶ୍ୱ ରଞ୍ଜନ ଗୌଡ଼, ନରେଶ ଷଡ଼ଙ୍ଗୀ ପ୍ରମୁଖ ଭାରତର ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଶାର ସାଧୀନତା ସଂଗ୍ରାମୀ, ଭାରତର ସ୍ୱାଧୀନତା ପାଇଁ ଶହୀଦ ଲକ୍ଷ୍ମଣ ନାୟକଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀ ୱାଇ. ଶ୍ରୁତି ଶହୀଦ ଲକ୍ଷ୍ମଣ ନାୟକଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ନାରାୟଣ ସଗରଙ୍କ ରଚିତ ଶହୀଦ ଲକ୍ଷ୍ମଣ ନାୟକ ପୁସ୍ତକ ଛାତ୍ରୀଛାତ୍ରଙ୍କୁ ବଣ୍ଟନ କରାଯାଇଥିଲା। ଶିକ୍ଷୟିତ୍ରୀ ସୁଚରିତା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ୪ବର୍ଷରେ ଗୁରୁପ୍ରିୟା

ଚିତ୍ରକୋଣ୍ଡା,୨୫।୭(ଡି.ଏନ.ଏ.)



ଗୁରୁପ୍ରିୟା ସେତୁ ।

- ସ୍ୱାଭିମାନ ଅଞ୍ଚଳବାସୀଙ୍କ ପାଇଁ ଆଣିଛି ନୂଆ ଆଲୋକ
- ଯବାନଙ୍କ ପାଇଁ ଅଞ୍ଚଳ ହୋଇପାରିଛି ୮୦ ପ୍ରତିଶତ ମାଓବାଦୀମୁକ୍ତ
- ତ୍ୱରାନ୍ୱିତ ହେଉଛି ବିକାଶମୂଳକ କାର୍ଯ୍ୟ
- ମାଓବାଦୀମୁକ୍ତ ଯୋଗୁ ହୋଇପାରିଛି ପଞ୍ଚାୟତ ନିର୍ବାଚନ

ଆସନ୍ତାକାଲି ଗୁରୁପ୍ରିୟାକୁ ୪ବର୍ଷ ପୂରିବ। ଗୁରୁପ୍ରିୟା ବର୍ତ୍ତମାନର ସ୍ୱାଭିମାନ ଅଞ୍ଚଳକୁ ଆଲୋକର ବାଟ ଦେଖାଇଛି। ସରକାରଙ୍କର ବହୁମୁଖୀ ଯୋଜନା ମାଧ୍ୟମରେ ଏଠଶରେ ବିକାଶମୂଳକ କାର୍ଯ୍ୟ ଆଗେଇ ଚାଲିଛି। ରାସ୍ତାଘାଟ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ଭତ୍ତା, ଆବାସ ଗୃହ, ବ୍ରିଜ, କୃଷି ସେବା, ବୃକ୍ଷରୋପଣ ଭଳି ବହୁ ଯୋଜନା କାର୍ଯ୍ୟକାରୀ ହୋଇଆସୁଛି। ଗୁରୁପ୍ରିୟା ଏବଂ ହନ୍ତାଳଗୁଡ଼ା ଘାଟି ବିଚ୍ଛିନ୍ନାଞ୍ଚଳ ତଥା ସ୍ୱାଭିମାନ ଅଞ୍ଚଳବାସୀଙ୍କ ଆଖି ଖୋଲିଦେଇଛି । ଓଡିଶା ପୋଲିସ ଓ ବିଏସ୍‌ଏଫ୍, ଡିଭିଏଫ ଓ ଏସଓଜି ଯବାନଙ୍କ ପାଇଁ ସ୍ୱାଭିମାନ ଅଞ୍ଚଳ ୮୦ ପ୍ରତିତତ ମାଓବାଦୀମୁକ୍ତ ହୋଇପାରିଛି। ଚଳିତବର୍ଷ ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ହେବା ସ୍ୱାଭିମାନ ଅଞ୍ଚଳ ପାଇଁ ଥିଲା ବଡ ସଫଳତା।

ମାଲକାନଗିରି ଜିଲା ଚିତ୍ରକୋଣ୍ଡାର ଏହି ବିଚ୍ଛିନ୍ନାଞ୍ଚଳର ୯ଟି ପଞ୍ଚାୟତର ୧୫୧ ଖଣ୍ଡ ଗ୍ରାମ ଦିନେ ଥିଲା ପାହାଡ଼ ପର୍ବତ ଜଳ ଭଣ୍ଡାରରେ ଜଳବନ୍ଦୀ। ଜଳବନ୍ଦୀ ଜୀବନ ବିତାଉଥିଲେ ଏଠାକାର ଅଧିବାସୀ । ମାଓବାଦୀଙ୍କ ଯୋଗୁ ପାଇଁ ଅଞ୍ଚଳବାସୀଙ୍କ ପାଇଁ ବିକାଶ ଥିଲ ସାତ ସପନ। ୨୦୧୮ ଜୁଲାଇ ୨୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁପ୍ରିୟା ସେତୁ ଉଦ୍‌ଘାଟନ କରି ଅଞ୍ଚଳବସୀଙ୍କୁ ଦେଇଥିଲେ ନୂଆ ସଞ୍ଜିବନୀ। ବିଚ୍ଛିନ୍ନାଞ୍ଚଳ ନାମ ପରିବର୍ତ୍ତନ କରି ୯ଟି ପଞ୍ଚାୟତକୁ ସ୍ୱାଭିମାନ ଅଞ୍ଚଳ ରୂପେ ଘୋଷଣା କରିଥିଲେ । ଏବେ ଏହି ସ୍ୱାଭିମାନ ଅଞ୍ଚଳ ୪ ବର୍ଷ ଭିତରେ ଅନେକ ପରିବର୍ତ୍ତନ ହୋଇଛି। ନୂଆ ରୂପ ନେଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ପାନୀୟ ଜଳ ଓ ଷ୍ଟିଟ ଲାଇଟ ସବୁ କ୍ଷେତ୍ରରେ ଆସିଛି ନୂଆ ଚମକ। ମାଲକାନଗିରି ଜିଲା ପ୍ରଶାସନ ଏବଂ ଚିତ୍ରକୋଣ୍ଡା ବ୍ଲକ ପ୍ରଶାସନ ଉଦ୍ୟମରେ ଜୀବନଜୀବିକା, ମହିଳା ସଶକ୍ତୀକରଣ, ନେଟୱାର୍କ ସୁବିଧା, ମତ୍ସ୍ୟ ଚାଷ ଆଦି ପ୍ରତ୍ୟେକ କ୍ଷେତ୍ରରେ ହୋଇଛି ବିକାଶ। ପ୍ରତି ଗ୍ରାମରେ ସିସି ରୋଡ଼, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ହୋଇଛି ନୂଆ ରାସ୍ତା। ମାଣ୍ଡିଆ, ସୁଆଁ, ହଳଦୀ, କାଙ୍ଗୁ, ବାଜରା, ଖେରଜାନା, କାନ୍ଦୁଲ, ମାଛ ଚାଷ କରି ଲୋକଙ୍କ ଜୀବନ ଜୀବିକାରେ ଆସିଛି ପରିବର୍ତ୍ତନ। ଚିତ୍ରକୋଣ୍ଡା ତହସିଲ ପକ୍ଷରୁ ଜମି ନ ଥିବା ପରିବାରକୁ ଜମି ପଟ୍ଟା ପ୍ରଦାନ କରାଯାଇଛି। କୃଷି ବିଭାଗ, ଉଦ୍ୟାନ କୃଷି, ଓଡିଶା ଜୀବିକା ମିଶନ, ଆଇସିଡିଏସ, ତହସିଲ କାର୍ଯ୍ୟାଳୟ ସ୍ୱାଭିମାନ ଅଞ୍ଚଳର ବିକାଶର ଚାବିକାଠି ପାଲଟିଛନ୍ତି। ଫଳରେ ଏହି ଅଞ୍ଚଳ ଏବେ ବିକଶିତ ସ୍ୱାଭିମାନ ଅଞ୍ଚଳରେ ପରିଣତ ହେବାକୁ ଯାଉଛି ।

## ଅଙ୍ଗନୱାଡି କର୍ମୀଙ୍କୁ ଗାଁ କଲ୍ୟାଣ ପାଣ୍ଠି ଅର୍ଥ ଫେରାଇବାକୁ ନିର୍ଦ୍ଦେଶ

ଦଶମନ୍ତପୁର, ୨୫।୭ ( ଡ଼ି.ଏନ.ଏ )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଅଙ୍ଗନୱାଡ଼ି କର୍ମୀମାନଙ୍କଠାରୁ ଗାଁ କଲ୍ୟାଣ ବାବଦରେ ଆସିଥିବା ଅର୍ଥକୁ ପ୍ରଶାସନ ଆଦାୟ କରି ବିଜୁ ସ୍ୱାସ୍ଥ୍ୟ କାର୍ଡ ଯୋଜନା ରେ ଖର୍ଚ୍ଚ କରାଯାଉଥିବା ଅଭିଯୋଗ ହୋଇଛି। ଗତ ୨୦୨୧ ଡିସେମ୍ବରରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନା କାର୍ଡ ଲୋକଙ୍କୁ ବଣ୍ଟନ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକର ସୋର୍ବ ୧୭୮ଟି ଅଙ୍ଗନୱାଡ଼ି କେନ୍ଦ୍ରର ଗାଁ କଲ୍ୟାଣ ଅର୍ଥ ଅଙ୍ଗନୱାଡି କର୍ମୀଙ୍କ ଜରିଆରେ ୫୦୦୦ ହଜାର ଲେଖାଏ ଟଙ୍କା ଆଦାୟ କରି ବ୍ଲକ ଉନ୍ନୟନ ଅଧିକାରୀଙ୍କ ନାମରେ ଜମା କରାଯାଇଥିଲା ବୋଲି କେତେକ ଅଙ୍ଗନୱାଡ଼ି କର୍ମୀ ପ୍ରକାଶ କରିଛନ୍ତି। ସେମାନଙ୍କ କହିବାନୁସାରେ ଗାଁ କଲ୍ୟାଣ ଅର୍ଥ ଗାଁ ସଫେଇ ବାବଦରେ ଖର୍ଚ୍ଚ ହେଉଥିବା ବେଳେ ଯାହା ବଳେ ସେଥିରେ କୁଅ ଓ ନଳକୂପଗୁଡ଼ିକରେ ବ୍ଲିଚିଂ ପକାଇବା, ପରିମଳ ଓ ପରିବେଶ ସୁରକ୍ଷିତ ରଖିବା ବାବଦରେ ଏବଂ କାନ୍ଥରେ ସରକାରୀ ସୂଚନା ଫଳକ ଲେଖିବା ବାବଦରେ ଖର୍ଚ୍ଚ କରିବାକୁ ସରକାର ଗାଁ କଲ୍ୟାଣ ପାଇଁ ଅଙ୍ଗନୱାଡି କର୍ମୀଙ୍କ ପାଣ୍ଠି ଖାତାକୁ ୧୫ ହଜାର ଟଙ୍କା ଲେଖାଏ ପ୍ରଦାନ କରିଥାନ୍ତି। ସେହି ଅର୍ଥରୁ ୫ ହଜାର ଟଙ୍କା ଲେଖାଏ ୧୭୮ ଜଣ ଅଙ୍ଗନୱାଡ଼ି କର୍ମୀଠାରୁ ମୋଟ ୮ ଲକ୍ଷ ୯୦ ହଜାର ଟଙ୍କା ପ୍ରଶାସନ ଆଦାୟ କରି ନେଇଛି । ନେବାର ଥିଲା ତ ଆକାଉଣ୍ଟରେ କାହିଁକି ଜମା କରୁଥିଲ ବୋଲି କେତେକ କର୍ମୀ ପ୍ରଶ୍ନ ଉଠାଇଛନ୍ତି। ଏସମ୍ପର୍କରେ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମମତା ଦାଶଙ୍କୁ ପଚାରିବାରୁ ସେ କହିଲେ, ବିଡ଼ିଓଙ୍କ ନିର୍ଦ୍ଦେଶ ଏବଂ ଚିଠି ମଧ୍ୟମରେ ଆମେ ସୁପରଭାଇଜରଙ୍କ ଦ୍ୱାରା ଟଙ୍କା ଫେରାଇବାକୁ ସମସ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ କହିଥିଲୁ ବୋଲି ପ୍ରକାଶ କରିଥିଲେ। ତେବେ ବର୍ତ୍ତମାନ ସୁଦ୍ଧା ଅଧିକାଂଶ ଅଙ୍ଗନୱାଡ଼ି କର୍ମୀ ଟଙ୍କା ଫେରାଇନାହାନ୍ତି ବୋଲି ସେ କହିଛନ୍ତି। ସରକାରଙ୍କ ପକ୍ଷରୁ ଅର୍ଥ ଆଦାୟ ନେଇ ଚିଠି ଆସିଥିଲା। ସେହି ଅନୁସାରେ ଅର୍ଥ ଆଦାୟ କରାଯାଉଛି ବୋଲି ବିଡିଓ ଉମ୍ବରୁଧର ମଳିକ କହିଛନ୍ତି।



ପିଲାଙ୍କୁ ଯୋଗଶିକ୍ଷା ଦେଉଛନ୍ତି ଶିକ୍ଷକ।

## ସ୍ୱାଭିମାନ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ନିଆରା ପ୍ରୟାସ

ମାଲକାନଗିରି,୨୫।୭(ଡି.ଏନ.ଏ.)

**ପାଠପଢ଼ା ସହ ମାନସିକ, ବୌଦ୍ଧିକ ବିକାଶ ପ୍ରତି ଶିକ୍ଷକଙ୍କ ଗୁରୁତ୍ୱ**

ଅପହଞ୍ଚ ଏବଂ ଆଦିବାସୀ ବହୁଳ ଅଞ୍ଚଳରେ ଶିକ୍ଷାର ବିକାଶ ଏବଂ ଅଧିକରୁ ଅଧିକ ପିଲାଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରେ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ପାଠପଢା ସହ ସେମାନଙ୍କ ମାନସିକ ଏବଂ ବୌଦ୍ଧିକ ବିକାଶ ପାଇଁ ପ୍ରୟାସ କରୁଛନ୍ତି। ଫଳରେ ଉକ୍ତ ଅଞ୍ଚଳରେ ଅଧିକରୁ ଅଧିକ ପିଲା ବର୍ତ୍ତମାନ ବିଦ୍ୟାଳୟ ମୁହାଁ ହେଉଥିବା ଦେଖିବାକୁ ମିଳିଛି। ସ୍ୱାଭିମାନ ଅଞ୍ଚଳରେ ଏପରି ଶିକ୍ଷକ ଅଛନ୍ତି ଯେଉଁମାନେ ପିଲାଙ୍କ ମାନସିକ ଓ ବୌଦ୍ଧିକ ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ବର୍ତ୍ତମାନ ସମୟରେ କେବଳ ପାଠପଢା ହେଲେ ତାହା ଯଥେଷ୍ଟ ନୁହେଁ ବୋଲି ଶିକ୍ଷକମାନେ ଅନୁଭବ କରି ପିଲାଙ୍କ ଶାରୀରିକ ଉନ୍ନତି ପ୍ରତି ଧ୍ୟାନ ଦେଉଛନ୍ତି। ଯୋଡ଼ାମ୍ବ କ୍ଲଷ୍ଟର ଅନ୍ତର୍ଗତ ବିହନଗୁଡ଼ି ପ୍ରାଥମିକ ବିଦ୍ୟାଳୟ, ମାଟିଖାଲ ପ୍ରାଥମିକ ବିଦ୍ୟାଳୟ ଏବଂ ପଣସପଦର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟ ଶଙ୍କର ମାଝୀ, ଅଖିଳ କୁମାର ପଣ୍ଡା ଏବଂ ଚିତ୍ତରଞ୍ଜନ ସେଠୀ ପିଲାଙ୍କୁ ଶିକ୍ଷାଦାନ ସହ ସେମାନଙ୍କ ବୌଦ୍ଧିକ ବିକାଶ ପାଇଁ ନେଇଛନ୍ତି ନିଆରା ପଦକ୍ଷେପ। କରୋନା ମହାମାରୀ ସମୟରେ ମଧ ସ୍ୱାଭିମାନ ଅଞ୍ଚଳର ଅପହଞ୍ଚ ଜାଗାରେ ପହଞ୍ଚି ପିଲାଙ୍କୁ ଶିକ୍ଷାଦାନ ସହ ଯୋଗ ଅଭ୍ୟାସ କରାଉଥିଲେ ଏହି ଶିକ୍ଷକମାନେ । ସେମାନେ ବିଦ୍ୟାଳୟରେ ବିଭିନ୍ନ ସମୟରେ ଯୋଗାଭ୍ୟାସ କରି ପିଲାମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଦିଗରେ ପଦକ୍ଷେପ ନେଉଛନ୍ତି। ଏହି ଶିକ୍ଷକମାନେ ବିଦ୍ୟାଳୟର କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କୁ ଭାଗୀଦାର କରୁଛନ୍ତି। ସେମାନଙ୍କ ଏଭଳି କାର୍ଯ୍ୟ ଯୋଗୁ ଶିକ୍ଷକମାନଙ୍କୁ ସବୁ କ୍ଷେତ୍ରରୁ ମିଳୁଛି ପ୍ରଶଂସା।

## ବୋହୂଙ୍କୁ ବଳାତ୍କାର କଲେ ସାନ ଶ୍ୱଶୁର

ଜୟପୁର,୨୫।୭(ଡି.ଏନ.ଏ.)

ବୋହୂଙ୍କୁ ସାନ ଶ୍ୱଶୁର ବଳାତ୍କାର କରିବା ପରି ଲଜ୍ଜାଜନକ ଘଟଣା ଏବେ ପଦାକୁ ଆସିଛି। ଏନେଇ ଜୟପୁର ସଦର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ବାମୁଣିପୁଟର ଧମଲୁ ଏଲିୟସ ଅର୍ଜୁନ ବାରିକ (୪୫)ଙ୍କୁ ଗିରଫ କରିଛି। ଖବରରୁ ଜଣାପଡିଛି, ଗତ ଜୁନ ୧୧ରେ ବାମୁଣିପୁଟର ଜଣେ ବିବାହିତା ମହିଳା ଜୟପୁର ବଜାରକୁ ଆସିବାକୁ ଯାତ୍ରୀବାହୀ ଅଟୋକୁ ଅପେକ୍ଷା କରିଥିଲେ। ସେହି ସମୟରେ ଧମଲୁ ଏକ ବାଇକ୍ ଯୋଗେ ଆସି ସମ୍ପୃକ୍ତା ମହିଳାଙ୍କୁ କୁଆଡେ ଯିବେ ପଚାରିଥିଲେ। ସେ ଜୟପୁର ବଜାରକୁ ଯିବା କଥା କହିବାରୁ ଧମଲୁ ବାଇକରେ ଛାଡିଦେବି ବୋଲି କହି ମହିଳାଙ୍କୁ



ଆଣିଥିଲେ। ଜୟପୁରର ଏକ ଘରକୁ ନେଇ ଧମଲୁ ତାଙ୍କୁ ଧମକଚମକ ଦେଇ ବଳାତ୍କାର କରିଥିଲେ । ଏନେଇ ମହିଳା ଜଣକ ତାଙ୍କ ସ୍ୱାମୀଙ୍କୁ କହିଥିଲେ। ଗତ ୧୯ ତାରିଖରେ ଜୟପୁର ସଦର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେବେଠାରୁ ଅଭିଯୁକ୍ତ ଫେରାର ଥିଲେ। ସୋମବାର ସେ ଗାଗନାପୁରରେ ଥିବା ସୂଚନା ପାଇ ପୋଲିସ ତାଙ୍କୁ ସେଠାରୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ବିବାହିତ ଏବଂ ସେ ସମ୍ପୃକ୍ତା ମହିଳାଙ୍କ ସାନ ଶ୍ୱଶୁର ହେବେ ବୋଲି ତଦନ୍ତରୁ ଜଣାଯାଇଛି ।

## ଆଦର୍ଶ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରୀଛାତ୍ରମାନେ।

କୁଡୁମୁଲୁଗୁମ୍ମା,୨୫।୭(ଡି.ଏନ.ଏ.)

ମାଲାକାନଗିରି ଜିଲା କୁଡୁମୁଲୁଗୁମ୍ମା ତହସିଲ ଅନ୍ତର୍ଗତ ଗୁଣ୍ଡୁରିଗୁଡାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୨୦୨୧-୨୨ ଶିକ୍ଷାବର୍ଷର ସିବିଏସଇ ଦଶମ ପରୀକ୍ଷା ଫଳ ପ୍ରକାଶ ପରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଏମାନଙ୍କ ମଧ୍ୟରୁ ରଶ୍ମି ରଞ୍ଜନ ଜେନା ୯୨ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଥିବା ବେଳେ ଦିନେଶ କୁମାର ସାହୁ ୯୧ ପ୍ରତିଶତ, ହଂସିକା ପ୍ରିୟଦର୍ଶିନୀ ଦେ ୮୮ ପ୍ରତିଶତ, ଅମ୍ରି ସିଲ ୮୪ ପ୍ରତିଶତ, ଜ୍ୟୋତି ବ୍ରହ୍ମା ନନ୍ଦି ୮୨ପ୍ରତିଶତ, ସୁକଦେବ ମାଡ଼ୀ ୮୦ପ୍ରତିଶତ ନମ୍ବର ରଖିଛନ୍ତି। ଏହି କୃତୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। ସଭାରେ ଅଧକ୍ଷ ମହେଶ୍ୱର ସାହୁ, ସାମାଜିକ କର୍ମୀ ବାଳକୃଷ୍ଣ ପ୍ରଧାନ, ଭଗବାନ ସାହୁଙ୍କ ସମେତ ଅନ୍ୟମାନେ ଉସ୍ଥିତ ଥିଲେ। ଏହି ଛାତ୍ରୀଛାତ୍ରମାନେ ନିଜ ସଫଳତାର ଶ୍ରେୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଦେଇଛନ୍ତି। ସୂଚନାଯୋଗ୍ୟ, ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରୁ ଏକାଦଶ ଶ୍ରେଣୀ ପାଠ୍ୟକ୍ରମ ଖୋଲିଥିବା ଅଧକ୍ଷ ସୂଚନା ଦେଇଥିଲେ।

## ଗୁପ୍ତେଶ୍ୱର ପୀଠରେ ଜଳଲାଗି କଲେ ଚିତ୍ରକୋଣ୍ଡା ବିଧାୟକ

ମାଲକାନଗିରି/ଚିତ୍ରକୋଣ୍ଡା, ୨୫।୭(ଡି.ଏନ.ଏ.)



ଜଳଭାର ଧରି ଗୁପ୍ତେଶ୍ୱର ଯାଉଛନ୍ତି ବିଧାୟକ ।

ପବିତ୍ର ଶ୍ରାବଣ ମାସର ଆଜି ଥିଲା ଦ୍ୱିତୀୟ ସୋମବାର। ବିଭିନ୍ନ ଶୈବପୀଠରେ ଜଳଲାଗି ପାଇଁ କାଉଡିଆଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମଧ କୋରାପୁଟ ଜିଲାର ଗୁପ୍ତେଶ୍ୱର ପୀଠରେ ଜଳଲାଗି କରିଛନ୍ତି। ନିଜ ପରିବାର ସହ ସେ ବୋଲବମ ଯାତ୍ରାରେ ବାହାରି ଡୋକରି ଘାଟିସ୍ଥିତ ପାହାଡିଆ ଝରଣାରୁ ପାଣି ଉଠାଇ ଗୁପ୍ତେଶ୍ୱର ଯାତ୍ରା କରିଥିଲେ। ସେହିପରି ଚିତ୍ରକୋଣ୍ଡାର ସ୍ୱାଭିମାନ ଅଞ୍ଚଳ ଯୋଡ଼ାମ୍ବ ଏବଂ ପଣଶପୁଟ ଅଞ୍ଚଳର ଶତାଧିକ କାଉଡ଼ିଆ ଗୁରୁପ୍ରିୟା ସେତୁଠାରୁ ଜଳ ଉଠାଇ ୧୮ କିଲୋମିଟର ଦୂର ଚିତ୍ରକୋଣ୍ଡା ନୀଳକଣ୍ଠେଶ୍ୱର ଶିବ ମନ୍ଦିରରେ ଜଳଲାଗି କରିଛନ୍ତି। ସେହିପରି ଚିତ୍ରକୋଣ୍ଡା ଅଞ୍ଚଳର କାଉଡିଆମାନେ ସିଲେରୁ ନଦୀର ଆରଙ୍ଗୀ ଘାଟ ଏବଂ ଦୁର୍ଗା ମନ୍ଦିର ନଦୀ ତଟରୁ ଜଳ ଉଠାଇ ଆଖଣ୍ଡଳମଣି ଓ ନୀଳକଣ୍ଠେଶ୍ୱର ଶିବ ମନ୍ଦିରରେ ଜଳଲାଗି କରିଥିଲେ ।

## ପୂର୍ବତନ ସୈନିକ ସଂଘ ପକ୍ଷରୁ ଚାରା ରୋପଣ

ସୁନାବେଡା,୨୫।୭(ସ୍ୱ.ପ୍ର.)

ସୁନାବେଡାସ୍ଥିତ ପୂର୍ବତନ ସୈନିକ ସଂଘ ପକ୍ଷରୁ ସୁନାବେଡା ହାଲ ସହରାଞ୍ଚଳର ଜଗନ୍ନାଥ ମାର୍କେଟ ଏବଂ ଜଗନ୍ନାଥ ମନ୍ଦିର ମଧ୍ୟରେ ଥିବା ଶହୀଦ ହାର୍ବଲ ଗାର୍ଡେନର ବିକଶିତ କରଯାଇଛି। କାରଗିଲ ବିଜୟ ଦିବସ ପାଳନ ଅବସରରେ ସଂଘର ସଦସ୍ୟମାନେ ସଭାପତି ଗୋବିନ୍ଦ ବଲ୍ଲଭ ପାଢ଼ୀଙ୍କ ନେତୃତ୍ୱରେ ଏଠାରେ ଅଁଳା, ହରିଡା, ବାହାଡ଼ା, ନିମ୍ବ , ଆଲୁବେରା ଆଦି ଚାରା ରୋପଣ କରିଛନ୍ତି । ଏହି ଅବସରରେ ହାଲ ସୁରକ୍ଷା ଓ ଅଗ୍ନିଶମ ବିଭାଗର ଡିଜିଏମ, ଫ୍ଲାଇଟ ଲେଫ୍ଟେନାଣ୍ଟ ଇ. ରାମକ୍ରିଷ୍ଣା, ସମାଜିକ କର୍ମୀ ଶେଖ ଇବ୍ରାହିମ, ଚିନ୍ତାମଣି ପୃଷ୍ଟି, ସୈନିକ ସଂଘ ବରିଷ୍ଠ କର୍ମକର୍ତ୍ତା ବିଜୟ ସାହୁ, ହେମନ୍ତ ମାଝି, ଏନସି ନାୟକ, ସୁଶାନ୍ତ ଦାସ, ଆରକେ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜୟପୁର ଏୟାରପୋର୍ଟରୁ ଖୁବ୍‌ଶୀଘ୍ର ବିମାନ ଚଳାଚଳ

କୋରାପୁଟ,୨୫।୭(ସ୍ୱ.ପ୍ର.)

କୋରାପୁଟ ଜିଲାର ଜୟପୁରସ୍ଥିତ ଏୟାରପୋର୍ଟରୁ ଖୁବ୍‌ଶୀଘ୍ର ବିମାନ ଚଳାଚଳ ଆରମ୍ଭ ହେବା ନେଇ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଇଣ୍ଡିଆ ୱାନ ଏୟାର ପକ୍ଷରୁ ପ୍ରଥମେ ୯ ସିଟ୍ ବିଶିଷ୍ଟ ବିମାନ ଦୈନିକ ଜୟପୁରରୁ ଭୁବନେଶ୍ୱର ୨ ଥର ଓ ଭୁବନେଶ୍ୱରରୁ ଜୟପୁର ୨ ଥର ଚଳାଚଳ କରିବ ବୋଲି ଇଣ୍ଡିଆ ୱାନ ଏୟାର ସୂତ୍ରରୁ କୁହାଯାଇଛି । ବିମାନ ଭଡା ଜୟପୁର-ଭୁବନେଶ୍ୱର ନିମନ୍ତେ ୩,୩୦୦ ଟଙ୍କା ଓ ଭୁବନେଶ୍ୱରରୁ ଜୟପୁର ପାଇଁ ୩,୩୦୦ ଟଙ୍କା ରଖାଯାଇଛି । ବିମାନ ଭୁବନେଶ୍ୱରରୁ ୧୦ଟାରୁ ବାହାରି ଜୟପୁରରେ ୧୧ଟା ୩୫ ମିନିଟରେ ପହଞ୍ଚିବ। ସେହିପରି ଜୟପୁରରୁ ୧୨ଟା୨୦ରେ ବାହାରି ଭୁବନେଶ୍ୱରରେ ଅପରାହ୍ନ ୧ଟା ୫୫ ମିନିଟରେ ପହଞ୍ଚିବ ବୋଲି ଜଣାପଡିଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଯାତ୍ରୀଙ୍କ ଭିଡକୁ ଦେଖି ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ଏହି ଏୟାରପୋର୍ଟରୁ ୨୪ ସିଟ୍ ବିଶିଷ୍ଟ ବିମାନ ଚଳାଚଳ କରିବ ବୋଲି ଜଣାଯାଇଛି । ସୂଚନାଯୋଗ୍ୟ, ଗତ ୨୧ ଓ ୨୨ ଦୁଇଦିନ ଧରି ଜୟପୁର ଏୟାରପୋର୍ଟରେ ଡିଜିସିଏର ହେଡକ୍ୱାର୍ଟର ଉପନିର୍ଦ୍ଦେଶକ ମନୋଜ କୁମାର ଗର୍ଗ, ଇଷ୍ଟର୍ନ ରିଜିୟନ ଉପନିର୍ଦ୍ଦେଶକ ମନୀଷ ଠାକୁର, ଧୁଷାର ମଣ୍ଡଳ ପ୍ରମୁଖ ୩ ଜଣିଆ ଟିମ୍ ପହଞ୍ଚି ଜୟପୁର ଏୟାରପୋର୍ଟରେ ସୁରକ୍ଷା, ଆଲୋକୀକରଣ, ଅଗ୍ନି ନିରାପତ୍ତା, ଜଳଯୋଗାଣ ସମେତ ସମସ୍ତ ଆନୁଷଙ୍ଗିକ ଭିତ୍ତିଭୂମି ଅନୁଧ୍ୟାନ କରି ଫେରିଥିଲେ।




ଜୟପୁର ଏୟାରପୋର୍ଟ

## ୧୧୭ ଅଭିଯୋଗର ଶୁଣାଣି କଲେ ଜିଲାପାଳ

ଲକ୍ଷ୍ମୀପୁର, ୨୫।୭ (ସ୍ୱ.ପ୍ର.)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମହମ୍ମଦ ଅବଦାଲ ଅଖତର ୧୧୭ଟି ଅଭିଯୋଗ ଶୁଣାଣି କରିଥିଲେ। ସେଥିରୁ ୪୩ଟି ବ୍ୟକ୍ତିଗତ ଏବଂ ୭୪ଟି ସାମୂହିକ ଅଭିଯୋଗର ଶୁଣାଣି କରିଥିଲେ। ଅଧିକାଂଶ ଅଭିଯୋଗ ନୂତନ ରାସ୍ତା, ପୋଲ, ପାନୀୟ ଜଳ, ପାଚେରି ନିର୍ମାଣ,ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଦ୍ୟୁତୀକରଣ, ଜଳସେଚନ ନେଇ ରହିଥିଲା। ଲକ୍ଷ୍ମୀପୁର ମହାବିଦ୍ୟାଳୟ ଛାତ୍ରନିବାସରେ ବିଦ୍ୟୁତ୍ କାଟ ନେଇ ଛାତ୍ରମାନେ ମଧ୍ୟ ଅଭିଯୋଗ କରିବାକୁ ଆସିଥିଲେ। କୋଡିଙ୍ଗା ମାଳି ଖଣି ପାରିପାର୍ଶ୍ୱିକ ଅଞ୍ଚଳକୁ ପ୍ରଦୂଷଣମୁକ୍ତ କରିବା, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ଦେବା, ବିଧବା, ବାର୍ଦ୍ଧକ୍ୟ, ଅକର୍ମଣ୍ୟ ଭତ୍ତା ଭଳି ଆସିଥିବା କେତେକ ଅଭିଯୋଗର ଶୁଣାଣି କରି ଜିଲାପାଳ ଏହାର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ କ୍ୟାନସର ପୀଡିତ ପୀତାମ୍ବର ଖୋସଲାଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କାର ଆର୍ଥିକରାଶି ପ୍ରଦାନ କରାଯାଇଥିଲା। ଶିବିରରେ ଏସ୍‌ପି ବରୁଣ ଗୁଣ୍ଟୁପାଲି, ଉପଜିଲାପାଳ ଲଳିତ ମୋହନ କହଁର, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ମାଝୀ, ଜିଲାମଙ୍ଗଳ ଅଧିକାରୀ ବିଦ୍ୟୁତଲତା ପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ପାତ୍ର, ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକଙ୍କ ସହ ସମସ୍ତ ବିଭାଗୀୟ ଅଧକାରୀ, ବିଡିଓ ସଦାଶିବ ଅଧିକାରୀ, ବ୍ଲକ ଅଧକ୍ଷା ଶୁଆଇ କୁଲେସିକା, ତହସିଲଦାର ବନବିହାରୀ ଡିଣ୍ଡି, ଏସ୍‌ଡିପିଓ ଅଶ୍ୱିନୀ ନାୟକ, ଆଇଆଇସି ଶ୍ୱେତପଦ୍ମା ସେଠ ପ୍ରମୁଖ ଉପସ୍ଥିତ ଥିଲେ।




ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି ।

